# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | NOVEMBER 2023 | No.09


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୩୮ : ୧-୮)

୧ ମୁଁ ଆପଣାର ସର୍ବାନ୍ତଃକରଣରେ ତୁମ୍ଭର ଧନ୍ୟବାଦ କରିବି; ଦେବଗଣ ସାକ୍ଷାତରେ ମୁଁ ତୁମ୍ଭ ଉଦ୍ଦେଶ୍ୟରେ ପ୍ରଶଂସାଗାନ କରିବି ।

୨ ମୁଁ ତୁମ୍ଭ ପବିତ୍ର ମନ୍ଦିର ଅଭିମୁଖରେ ତୁମ୍ଭର ଭଜନା କରିବି, ପୁଣି ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ତୁମ୍ଭର ସତ୍ୟତା ସକାଶେ ତୁମ୍ଭ ନାମର ଧନ୍ୟବାଦ କରିବି । କାରଣ ତୁମ୍ଭେ ଆପଣାର ସକଳ ନାମ ଅପେକ୍ଷା ଆପଣାର ବାକ୍ୟ ମହତ କରିଅଛ ।

୩ ମୁଁ ପ୍ରାର୍ଥନା କରିବା ଦିନ ତୁମ୍ଭେ ମୋତେ ଉତ୍ତର ଦେଲ, ତୁମ୍ଭେ ମୋ' ପ୍ରାଣକୁ ବଳ ଦେଇ ସାହସିକ କଲ ।

୪ ହେ ସଦାପ୍ରଭୋ, ପୃଥିବୀସ୍ଥ ସମସ୍ତ ରାଜା ତୁମ୍ଭର ଧନ୍ୟବାଦ କରିବେ, କାରଣ ସେମାନେ ତୁମ୍ଭ ମୁଖର ବାକ୍ୟ ଶୁଣିଅଛନ୍ତି ।

୫ ହଁ, ସେମାନେ ସଦାପ୍ରଭୁଙ୍କ ପଥ ବିଷୟ ଗାନ କରିବେ; କାରଣ ସଦାପ୍ରଭୁଙ୍କ ଗୌରବ ମହତ୍ ।

୬ ଯେହେତୁ ସଦାପ୍ରଭୁ ଉଚ୍ଚ ହେଲେ ହେଁ ନୀଚ ଲୋକଙ୍କ ପ୍ରତି ଦୃଷ୍ଟି କରନ୍ତି; ମାତ୍ର ସେ ଗର୍ବୀକି ଦୂରରୁ ଚିହ୍ନନ୍ତି ।

୭ ମୁଁ ସଙ୍କଟ ମଧ୍ୟରେ ଗମନ କଲେ ହେଁ ତୁମ୍ଭେ ମୋତେ ସଜୀବ କରିବ, ତୁମ୍ଭେ ମୋ' ଶତ୍ରୁଗଣର କୋପ ପ୍ରତିକୂଳରେ ଆପଣା ହସ୍ତ ବିସ୍ତାର କରିବ ଓ ତୁମ୍ଭ ଦକ୍ଷିଣ ହସ୍ତ ମୋତେ ତ୍ରାଣ କରିବ ।

୮ ସଦାପ୍ରଭୁ ମୋ' ସମ୍ପର୍କୀୟ ବିଷୟ ସାଧନ କରିବେ; ହେ ସଦାପ୍ରଭୋ, ତୁମ୍ଭ ଦୟା ଅନନ୍ତକାଳସ୍ଥାୟୀ; ତୁମ୍ଭେ ଆପଣା ହସ୍ତକୃତ କର୍ମ ପରିତ୍ୟାଗ କର ନାହିଁ ।

## ଆପଣଙ୍କର ଯୁଦ୍ଧ ମନୋନୀତ କରନ୍ତୁ

❁ ଆଚାର୍ଯ୍ୟ ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ ❁

RECOGNIZE YOUR BATTLE FIELD!



ଏଇ ନିକଟରେ, ମୁଁ ମୋର ପରିବାର ସହିତ ମୋର ଜଣେ ବନ୍ଧୁଙ୍କ ନିକଟକୁ ଯାଇଥିଲି ଯାହାଙ୍କୁ ମୁଁ କିଛି ଦିନ ହେଲା ସାକ୍ଷାତ୍ କରି ନ ଥିଲି । ମୁଁ ସେହି ଯାତ୍ରା ବିଷୟରେ ଅତି ଉଲ୍ଲସିତ ଥିଲି । କିନ୍ତୁ, ସମସ୍ତ ନୂଆ ଓ ବିଭାଜିତ ରାସ୍ତା ଦେଖି, ମୁଁ ଦିଗ ଜାଣିବା ପାଇଁ ଗୁଗଲ ମ୍ୟାପ୍‌ର ସହାୟତା ନେବା ପାଇଁ ନିଷ୍ପତ୍ତି ନେଲି । ଆଶ୍ଚର୍ଯ୍ୟଜନକ ଭାବେ, ଠିକ୍ ରାସ୍ତା ପାଇ ପାରି ନ ଥିଲି । ମୋତେ ଗୁଗଲ ମାନଚିତ୍ରକୁ ଯଥା ଯୋଗ୍ୟ ସମ୍ମାନ ଜଣାଇ ଏହା କହିବାକୁ ପଡୁଛି ଯେ ଏହା ମୋତେ ସର୍ବୋତ୍ତମ ରାସ୍ତାରେ କଢ଼ାଇ ନେବା ପାଇଁ ଚେଷ୍ଟା କରୁଥିଲା, ମାତ୍ର ପ୍ରକୃତ ରାସ୍ତା ଠିକ୍ ଥିଲା । ମୁଁ ଗୋଲ ଗୋଲ ଘୁରିବାକୁ ଲାଗିଥିଲି ଓ ବିଳମ୍ବ ହୋଇ ଯାଉଥିବାରୁ, ମୁଁ ଧୈର୍ଯ୍ୟ ହରାଇବା ଆରମ୍ଭ କରିଥିଲି ।

ମୁଁ ବିଶ୍ୱାସ କରୁଛି ଯେ ଆପଣମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନିକଟରେ ଏହି ପ୍ରକାର ଅନୁଭୂତି ଥାଇ ପାରେ । ଗୋଟିଏ ଟ୍ରାଫିକ ଲାଇଟ ନିକଟରେ ଅପେକ୍ଷା କରୁଥିବା ସମୟରେ, ସିଧା ଆଗକୁ ଯିବି କିମ୍ବା ଗୁଗଲର ନିର୍ଦ୍ଦେଶ ଅନୁସାରେ ଅନ୍ୟ ଦିଗକୁ ମୋଡ଼ିବି, ତାହା ଜାଣି ପାରୁ ନ ଥିଲି । ମୁଁ ଲକ୍ଷ୍ୟ କଲି ଯେ ଗୁଗଲ ଦେଖାଉଥିବା ରାସ୍ତାଟି ଅତି ସଂକୀର୍ଣ୍ଣ ଥିଲା । ମୁଁ ଏହିପରି ଏକ ସଂକୀର୍ଣ୍ଣ ରାସ୍ତାରେ ଗାଡ଼ି ନେଇ ପାରିବି କି ନାହିଁ, ତାହା ଜାଣିପାରୁ ନ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ


୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ସକାଳ ୫ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

# ECHO OF HIS CALL - (1969-2019 GOLDEN JUBILEE YEAR)



## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

REACHING NATIONS



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।


HON. EDITOR-IN-CHIEF

Rev. Angeline S. Kumari, M.A., M.Sc., M.Ed.

MANAGING EDITOR

Pastor Alex Samson Sam, B.Th., M.Div.

GENERAL MANAGER

Bro. N. Prakasam, M.A., M.Sc.(C&P), PGDHRM., MBA.

ADMINISTRATION

Sis. Jesy Veena Sam
Bro. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)

EDITORIAL BOARD

Sis. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran



EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858

E.MAIL ID

sam@echoofhiscall.org
biblecor@yahoo.co.in

WEBSITES

www.echoofhiscall.org
www.stpaulsmatriculation.com

YOUTUBE CHANNEL

Echo of His Call


"ତୁମ୍ଭମାନଙ୍କ ପ୍ରତି ଦୟା, ଶାନ୍ତି ଓ ପ୍ରେମ ପ୍ରଚୁର ଭାବରେ ହେଉ" (ଯିହୁଦା ୧:୨) ।

**ପ୍ରଭୁ ଯୀଶୁ ଖ୍ରୀଷ୍ଟରେ ପ୍ରିୟ ଭାଇ ଓ ଭଉଣୀମାନେ,**

*ଆମ ପ୍ରଭୁ ଓ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ । ଆମେ ଆଶା କରୁଛୁ ଯେ ଆପଣମାନେ କୁଶଳରେ ଥିବେ । ଆମେ ଆପଣମାନଙ୍କର ଆବଶ୍ୟକତାଗୁଡ଼ିକ ପାଇଁ ନିରନ୍ତର ପ୍ରାର୍ଥନା କରୁଅଛୁ ।*



**Sis. Sajini Cherian**



**Bro. Willem Jacobus Pretorius**

*"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ପାଇଁ ସ୍ୱର୍ଗୀୟ ଭାବେ ଯୋଗାଉଥିବା ତାଙ୍କର ସମସ୍ତ ବିଷୟ ନିମନ୍ତେ ଆମେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ । ଆମର ଇଂରାଜୀ ସହଯୋଗୀ ସଂପାଦିକା ଭାବରେ ଆମର ପ୍ରିୟ ଭଉଣୀ ସାଜିନୀ ଚେରିଆନ୍ ଓ ଆଫ୍ରିକାନସ୍ ସହଯୋଗୀ ସଂପାଦକ ଭାବରେ ଭାଇ.ୱିଲେମ୍ ଯାକୋବସ୍ ପ୍ରିଟୋରିଅସ୍‌ଙ୍କୁ ପ୍ରଦାନ କରିଥିବାରୁ, ଆମେ ଈଶ୍ୱରଙ୍କ ନିକଟରେ ଅତି କୃତଜ୍ଞ ଅଟୁ । ଦୟାକରି ସେମାନଙ୍କୁ ଓ ଅନ୍ୟ ୧୪ ଜଣ ସହଯୋଗୀ ସଂପାଦକଙ୍କୁ ଓ ସେମାନଙ୍କ ସହିତ କାର୍ଯ୍ୟ କରୁଥିବା ସେମାନଙ୍କର ସହକର୍ମୀମାନଙ୍କୁ ପ୍ରାର୍ଥନାରେ ସ୍ମରଣ କରନ୍ତୁ ।*

*ଆମେ ଆମର "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"ର ସମସ୍ତ କାର୍ଯ୍ୟ ପାଇଁ ଉତ୍ତମ ପ୍ରତିକ୍ରିୟା ପାଉଅଛୁ । ପ୍ରଭୁ ସମଗ୍ର ଜଗତର ଲୋକମାନଙ୍କ ଜୀବନକୁ ସ୍ପର୍ଶ କରୁଛନ୍ତି । ସଦାପ୍ରଭୁ ପରମେଶ୍ୱର ତାଙ୍କ ରାଜ୍ୟ ନିର୍ମାଣରେ ଆମକୁ ମଧ୍ୟ ବ୍ୟବହାର କରୁଥିବାରୁ ଆମେ ଅତି କୃତଜ୍ଞ ଅଟୁ ।*

*ଆମେ ଯେପରି ଲେଖିଥିଲୁ, ସେହିପରି ଆମେ ଆଜିକାଲି ବିଭିନ୍ନ ପ୍ରକାର ଆତ୍ମିକ ଯୁଦ୍ଧ ମଧ୍ୟ ଦେଇ ଗତି କରୁଅଛୁ ।*

*ମାତ୍ର ଆମେ ଗତି କରୁଥିବା ସମସ୍ତ ପ୍ରତିକୂଳ ଆତ୍ମିକ ପରିସ୍ଥିତି ସତ୍ତ୍ୱେ, ଆପଣମାନଙ୍କର କଲ୍ୟାଣ ପାଇଁ ପ୍ରାର୍ଥନା କରିବା ବନ୍ଦ କରି ନାହୁଁ । ଜଗତର ପଦ୍ଧତି ଦିନକୁ ଦିନ ପରିବର୍ତ୍ତିତ ହେଉଥିବାରୁ, ସମଗ୍ର ପୃଥିବୀର ଈଶ୍ୱରଙ୍କ ଦାସ ଭାବରେ ଆମେ ସର୍ବଶକ୍ତିମାନ ଈଶ୍ୱରଙ୍କର ଏକ ବିଶେଷ ସ୍ପର୍ଶ ଓ ସୁରକ୍ଷା ଆବଶ୍ୟକ କରୁଅଛୁ । ଯେପରିକି ଆମେ ଏହି ଜଗତର ଲୋକମାନଙ୍କ ନିକଟରେ ଆମର ଅଭିଷେକକୁ ବିତରଣ କରିପାରିବୁ । ଆମେ ଏହା କହିପାରିବା ଯେ ଆମେ ମଧ୍ୟ ଆତ୍ମିକ ଯୁଦ୍ଧ କ୍ଷେତ୍ରରେ ସମ୍ମୁଖଭାଗରେ ଅଛୁ । ଆମର ଈଶ୍ୱର ଯୀଶୁ ଖ୍ରୀଷ୍ଟ ଆମର ଅଧକ୍ଷ ଓ ସୁରକ୍ଷାଦାତା ଅଟନ୍ତି । ଆମେନ୍ । ଈଶ୍ୱର ଆପଣମାନଙ୍କୁ ଅଧିକରୁ ଅଧିକ ଆଶୀର୍ବାଦ କରନ୍ତୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍

(+91) 98412 71858 / 98410 71858, E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଥିଲି । ମୋର ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ, ମୁଁ ମୋ' ସମ୍ମୁଖରେ ଯାଉଥିବା ଜଣେ ବାଇକ୍ ଆରୋହୀଙ୍କୁ ଦିଗ ବିଷୟରେ ପଚାରିବା ପାଇଁ ନିଷ୍ପତ୍ତି ନେଲି । ମୋତେ ଆଶ୍ୱସ୍ତ କରି ସେ କହିଥିଲେ ଯେ ମୁଁ ଯେଉଁ ଦିଗରେ ଯାଉଛି, ସେହି ଦିଗରେ ସେ ରହନ୍ତି ଓ ମୋତେ ସେ ପଥ ପ୍ରଦର୍ଶନ କରିବେ । କେତେ ବଡ଼ ଆଶ୍ୱସ୍ତି ! ସର୍ବୋତ୍ତମ ବିଷୟ ଏହା ଥିଲା ଯେ ଯଦିଓ ମୁଁ ସେହି ବାଇକ୍ ଆରୋହୀଙ୍କୁ ଅନୁସରଣ କରୁଥିଲି, ତଥାପି ମୋତେ ଦିଗ ପ୍ରଦର୍ଶନ କରୁଥିବା ପଦ୍ଧତିଟି ମୋତେ ଏକ ଭିନ୍ନ ରାସ୍ତାରେ ଯିବା ପାଇଁ ନିର୍ଦ୍ଦେଶ ଦେଇ ଚାଲିଥିଲା । କିନ୍ତୁ, ମୁଁ ତାହାର ନିର୍ଦ୍ଦେଶକୁ ସଂପୂର୍ଣ୍ଣ ଭାବରେ ଅଣ ଦେଖା କରିବା ପାଇଁ ନିଷ୍ପତ୍ତି ନେଇଥିଲି କାରଣ ମୁଁ ଯେଉଁ ବ୍ୟକ୍ତିଙ୍କୁ ଅନୁସରଣ କରୁଥିଲି, ତାଙ୍କ ଉପରେ ମୋର ଦୃଢ଼ ବିଶ୍ୱାସ ଥିଲା । ସେ ସେହି ରାସ୍ତାକୁ ଉତ୍ତମଭାବେ ଜାଣିଥିଲେ ଓ ପୂର୍ବରୁ ସେଠାରେ ରହି ଆସୁଥିଲେ । ପଥ ପ୍ରଦର୍ଶନ ପାଇଁ କୌଣସି ଜଣେ ବ୍ୟକ୍ତି ଉପରେ ନିର୍ଭର ରଖିବାରେ କେତେ ଆଶ୍ୱସ୍ତି ମିଳେ ।

ଆପଣଙ୍କ ଜୀବନର ଦିଗ ନିର୍ଣ୍ଣୟ କରିବା ପାଇଁ ଏହିପରି କେହି ଜଣେ ଥାଆନ୍ତା କି, ବୋଲି ଆପଣ କେବେ ଇଚ୍ଛା କରିଛନ୍ତି କି ? ଏପରି କେହି ଜଣେ ଯିଏ ଆପଣଙ୍କ ପକ୍ଷରୁ କଠିନ ଓ ଜଟିଳ ନିଷ୍ପତ୍ତି ନେଇ ପାରନ୍ତା ଓ ଆପଣ କେବଳ ତାଙ୍କର ଅନୁଗମନ କରନ୍ତେ ? ଆପଣ ବିଶ୍ୱାସ କରନ୍ତୁ ଅବା ନ କରନ୍ତୁ, ଆମ ନିକଟରେ ସେହିପରି କେହି ଜଣେ ଅଛନ୍ତି । ତାଙ୍କ ନାମ ଯୀଶୁ ଖ୍ରୀଷ୍ଟ । ସେ ଆମର ଅତୀତ, ଆମର ବର୍ତ୍ତମାନ ଓ ଆମର ଭବିଷ୍ୟତ୍ ମଧ୍ୟ ଜାଣନ୍ତି । ତାଙ୍କ ନିକଟରେ ଆମର ଆସନ୍ତା କାଲିଗୁଡ଼ିକ ରହି ସାରିଛି । ଯେ କୌଣସି ବିଷୟ ଆମ ନିକଟକୁ ଆସିବା ପୂର୍ବରୁ, ତାହା ସେ ଜାଣନ୍ତି । କାରଣ **"ସେ ଆମକୁ ଜଗତର ପତ୍ତନ ପୂର୍ବରୁ ମନୋନୀତ କରିଥିଲେ" (ଏଫିସୀୟ ୧:୪)** । ଆମେ ପ୍ରତ୍ୟେକଙ୍କ ନିମନ୍ତେ ତାଙ୍କ ନିକଟରେ ଏକ ସୁନ୍ଦର ଯୋଜନା ଅଛି । ଯିରିମିୟ ୨୯:୧୧ ଘୋଷଣା କରିଛି, **"ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଙ୍କଳ୍ପ ଅଟେ ।"**

ଯାହା ପରିବର୍ତ୍ତନ ଆସିଲେ ସୁଦ୍ଧା, ଆମର ଜୀବନ, ନିଃସନ୍ଦେହରେ ସେହି ଯୋଜନାକୁ ଅନୁସରଣ କରିବ ଯାହାକୁ ସର୍ବଶକ୍ତିମାନ ଆମ ପାଇଁ ନିର୍ଦ୍ଧାରଣ କରିଛନ୍ତି । ଏହା ମଧ୍ୟରେ ଜୀବନର ଉତ୍ତମ, ଆହ୍ୱାନମୂଳକ ଓ ପ୍ରତିକୂଳ ବିଷୟଗୁଡ଼ିକ ମଧ୍ୟ ରହିଅଛି ।

## ୧. ଉତ୍ତମ ଯୁଦ୍ଧରେ ଯୁଦ୍ଧ କରନ୍ତୁ, ଜଣେ ଚିନ୍ତିତ ବ୍ୟକ୍ତି ନ ହୋଇ ଜଣେ ଯୋଦ୍ଧା ହୁଅନ୍ତୁ ।

ଏହି ଚିହ୍ନିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଆଜି ଯେଉଁ ପରିସ୍ଥିତିକୁ ଆମେ ଆହ୍ୱାନମୂଳକ, ଦ୍ୱନ୍ଦ୍ୱଗ୍ରସ୍ତ ଓ ବିରୁଦ୍ଧାତ୍ମକ ବୋଲି ଦେଖୁଛୁ, ତାହା ଶେଷରେ ଆମର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବ । ଈଶ୍ୱର ଆମ ପ୍ରତ୍ୟେକଙ୍କୁ ଚିନ୍ତିତ ବ୍ୟକ୍ତି ନୁହେଁ, ମାତ୍ର ଯୋଦ୍ଧା ହେବା ପାଇଁ ଆହ୍ୱାନ କରିଛନ୍ତି । ପ୍ରାୟତଃ, ଜୀବନର ପରୀକ୍ଷାଗୁଡ଼ିକ ଆମକୁ ହୁଏତ ବିଷାଦ ଓ ଆମ ଜୀବନର ଉଦ୍ଦେଶ୍ୟରୁ ଦୃଷ୍ଟି ହରାଇବା ଦିଗରେ କଢ଼ାଇ ନେଇପାରେ । କିନ୍ତୁ, ଆସନ୍ତୁ ଆମେ ଏହା ଭୁଲିବା ନାହିଁ ଯେ ଅନନ୍ତ ଜୀବନ ଅଛି ବୋଲି ପ୍ରକାଶ କରିବା ପାଇଁ ଯୀଶୁ ଖ୍ରୀଷ୍ଟ ଏହି ଜଗତ ମଧ୍ୟକୁ ଆସିଥିଲେ, କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ ଓ ପୁନର୍ବାର ଉଠିଥିଲେ । ଆମର ସାଂପ୍ରତିକ ଜୀବନ କ୍ଷଣିକ ଅଟେ ଓ ଏହା ଅନନ୍ତ ଜୀବନ ପାଇଁ ଏକ ପ୍ରଶିକ୍ଷଣ ଭୂମି ଅଟେ । **"ଏଠାରେ ଆମେ ଯେଉଁ ସମସ୍ତ ବିଷୟର ଅନୁଭୂତି ପାଉଛୁ, ସେଗୁଡ଼ିକ ଏଠାରେ ଆମକୁ ତାଙ୍କର ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ କରିବା ପାଇଁ ଉଦ୍ଦିଷ୍ଟ ଅଟେ"** (୨ କରିନ୍ଥୀୟ ୩:୧୮) । ପାଉଲ ଯେପରି ୧ ତୀମଥି ୬:୧୨ରେ କହିଛନ୍ତି, **ସେହିପରି ଆମ ଅସ୍ତିତ୍ୱର ଉଦ୍ଦେଶ୍ୟ ହେଉଛି ଅନନ୍ତ ଜୀବନ ମଧ୍ୟକୁ ପ୍ରବେଶ କରିବା** । ସେଥିପାଇଁ, **ଆମକୁ ଉତ୍ତମ ଯୁଦ୍ଧରେ ଯୁଦ୍ଧ କରିବା ପାଇଁ ଆହ୍ୱାନ ଦିଆଯାଇଛି** ।

ପାଉଲଙ୍କ ଭାଷାରେ, "ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କର, ଅନନ୍ତ ଜୀବନ ଧରି ରଖ, ସେଥିପାଇଁ ତ ତୁମ୍ଭେ ଆହୂତ ହୋଇଅଛ ଓ ଅନେକ ସାକ୍ଷୀଙ୍କ ସାକ୍ଷାତ୍‌ରେ ଉତ୍ତମ ସାକ୍ଷ୍ୟ ଦେଇଅଛ ।"

ଆମେ କିପରି ଏହି ମହତ୍ ଯୁଦ୍ଧରେ ଯୁଦ୍ଧ କରିବା ? ଏହା କେବଳ ବିଶ୍ୱାସ ମାଧ୍ୟମରେ, ବିଶ୍ୱାସ ବିନା, ଆମେ ଏହି ଧାର୍ମିକ ଯୁଦ୍ଧରେ ଯୁଦ୍ଧ କରିବା ପାଇଁ ଅସମର୍ଥ ଅଟୁ ଓ ଏହା ବିନା ଆମେ ଅନନ୍ତ ଜୀବନ ପାଇ ପାରିବା ନାହିଁ, ଏହା ଏହି ବିଷୟକୁ ସୂଚିତ କରେ ଯେ ଆମେ ଆମ ସ୍ଥିତିର ପ୍ରକୃତ ଉଦ୍ଦେଶ୍ୟକୁ ହରାଇ ଦେଉଅଛୁ ।



**ଈଶ୍ୱର ଆମର ଅଙ୍ଗୁଳିକୁ ସଂଗ୍ରାମ ଶିଖାନ୍ତି ।**

ଗୀତସଂହିତା ୧୪୪:୧ ସୁନ୍ଦର ଭାବେ ବ୍ୟକ୍ତ କରିଛି, **"ମୋହର ଶୈଳସ୍ୱରୂପ ସଦାପ୍ରଭୁ ଧନ୍ୟ ହୁଅନ୍ତୁ । ସେ ମୋ' ହସ୍ତକୁ ଯୁଦ୍ଧ ଶିଖାନ୍ତି ଓ ମୋ' ଅଙ୍ଗୁଳିକୁ ସଂଗ୍ରାମ ଶିଖାନ୍ତି ।"** ଈଶ୍ୱର ଯୁଦ୍ଧ ପାଇଁ ଆମକୁ ପ୍ରସ୍ତୁତ କରୁଥିବା ଆମ ସ୍ୱର୍ଗୀୟ ସୈନ୍ୟ ବାହିନୀର ସେନାଧ୍ୟକ୍ଷ ଓ ଆମର ପ୍ରଶିକ୍ଷକ ଅଟନ୍ତି । ସେ ସୈନ୍ୟାଧିପତି ସଦାପ୍ରଭୁ ଅଟନ୍ତି ଓ ଜୀବନର ଆହ୍ୱାନ ଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଆମକୁ ଶକ୍ତି ଦିଅନ୍ତି । ଯାତ୍ରା ୧୫:୩ ଘୋଷଣା କରିଛି, **"ସଦାପ୍ରଭୁ ଯୋଦ୍ଧା ଅଟନ୍ତି, ସଦାପ୍ରଭୁ ତାଙ୍କର ନାମ ଅଟେ ।"** ଚିନ୍ତିତ ବ୍ୟକ୍ତି ନୁହେଁ, ମାତ୍ର ଆମେ ତାଙ୍କ ଭଳି ଏକ ଯୋଦ୍ଧା ହେଉ ବୋଲି ସେ ଇଚ୍ଛା କରନ୍ତି । ଭରସାଯୁକ୍ତ ହୁଅନ୍ତୁ, ଆମେ ଜଣେ "ସର୍ବଜ୍ଞ ସେନାପତି"ଙ୍କ ଚାଳନା ଅଧୀନରେ ରହିଅଛୁ । ସେଥିପାଇଁ ଆଶା ପରିତ୍ୟାଗ କରନ୍ତୁ ନାହିଁ । ମନେରଖନ୍ତୁ, ଆମେ ଏପରି ଏକ ଯୁଦ୍ଧରେ ଯୁଦ୍ଧ କରୁଅଛୁ ଯାହାକୁ ପ୍ରଭୁ କାଲଭରୀର କ୍ରୁଶ ଉପରେ ଜିତି ସାରିଛନ୍ତି ।

## ୨. ଯୁଦ୍ଧର ଅସ୍ତ୍ରଶସ୍ତ୍ର

ଯୁଦ୍ଧ କରିବା ପାଇଁ ଈଶ୍ୱର ଆମକୁ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ପ୍ରଦାନ କରିଛନ୍ତି । ୨ କରିନ୍ଥୀୟ ୧୦:୪ରେ, **"ଆମେ ଏହି ଅସ୍ତ୍ରଗୁଡ଼ିକ ବିଷୟରେ ପଢ଼ୁ, ଯେଣୁ ଆମ୍ଭମାନଙ୍କ ଯୁଦ୍ଧାର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ୍ କରିବା ନିମନ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ ।"**

ଏହି ଅସ୍ତ୍ରଗୁଡ଼ିକ ଏତେ ଶକ୍ତିଶାଳୀ ଅଟେ ଯେ ସେଗୁଡ଼ିକ ପାପ, କିମ୍ବା ବନ୍ଧନ, କିମ୍ବା ଆମକୁ ବିଫଳତାର ଅନୁଭବ ଦେଉଥିବା ବଂଶାନୁଗତ ଅଭିଶାପ ଭଳି ଦୃଢ଼ ଗଡ଼ଗୁଡ଼ିକୁ ଧ୍ୱଂସ କରିପାରେ । ଯଦି ଆପଣ ଆପଣଙ୍କ ପରିବାରରେ ବାରମ୍ବାର ଅସୁସ୍ଥତା କିମ୍ବା ଭଗ୍ନତା ଆସୁଥିବାର ଦେଖୁଛନ୍ତି, ତେବେ ଏହା ଏହିସବୁ ଅସ୍ତ୍ରକୁ ବ୍ୟବହାର କରିବାର ସମୟ ଅଟେ । କାଲଭରୀର କ୍ରୁଶ ଉପରେ ଆମ ନିମନ୍ତେ କ୍ଷରିତ ହୋଇଥିବା ଯୀଶୁ ଖ୍ରୀଷ୍ଟଙ୍କ ରକ୍ତକୁ ବ୍ୟବହାର କରି ବିଜୟ ଦାବୀ କରନ୍ତୁ । ଆସନ୍ତୁ, ଆମେ ଆମ ଜୀବନ ବିରୁଦ୍ଧରେ ଆସୁଥିବା ଯୁଦ୍ଧଗୁଡ଼ିକରେ ଲଢ଼ିବା ପାଇଁ ଈଶ୍ୱର-ପ୍ରଦତ୍ତ ଅସ୍ତ୍ରର ବ୍ୟବହାର କରିବା ଆରମ୍ଭ କରିବା ।

## ସମସ୍ତ ଯୁଦ୍ଧରେ ଯୁଦ୍ଧ କରିବା ଆବଶ୍ୟକ ନୁହେଁ ।

କିନ୍ତୁ, ଆମକୁ ଏହା ଉପଲବ୍ଧି କରିବା ଆବଶ୍ୟକ ଯେ ସମସ୍ତ ଯୁଦ୍ଧରେ ଯୁଦ୍ଧ କରିବା ଆବଶ୍ୟକ ନୁହେଁ । କେତେକ ଯୁଦ୍ଧ କିମ୍ବା ଆହ୍ୱାନ ଆମକୁ ମୁଖ୍ୟ ଯୁଦ୍ଧରୁ ଦୂରେଇ ଦେବା ପାଇଁ ଆସେ । ଆମେ ଜ୍ଞାନର ସହିତ ଆମର ଯୁଦ୍ଧଗୁଡ଼ିକୁ ମନୋନୀତ କରିବା ଶିକ୍ଷା କରିବା ଆବଶ୍ୟକ । ଅନାବଶ୍ୟକ ଯୁଦ୍ଧ ଗୁଡ଼ିକରେ ଆପଣଙ୍କର ଶକ୍ତି, ସମୟ ଓ ବଳ ନଷ୍ଟ କରନ୍ତୁ ନାହିଁ । ଯଦି ଆମେ ଆମ ଜୀବନ ବିରୁଦ୍ଧରେ

ଆସୁଥିବା ପ୍ରତ୍ୟେକ ଯୁଦ୍ଧରେ ନିୟୋଜିତ ରହିବା, ତେବେ ଆମେ କ୍ଳାନ୍ତ ଓ କ୍ଷୟ ହେବା । ଆମେ ସେହି ପ୍ରକୃତ ଯୁଦ୍ଧକୁ ଦେଖି ପାରିବା ନାହିଁ ଯେଉଁଥିରେ ଯୁଦ୍ଧ କରିବା ପାଇଁ ଈଶ୍ୱର ଆମକୁ ଆହ୍ୱାନ କରିଛନ୍ତି ।

## ଆହ୍ୱାନ ଯେତେ ବଡ଼, ବିପଦ ସେତେ ଅଧିକ ।

ଯେତେବେଳେ ଈଶ୍ୱର ଆପଣଙ୍କୁ ଏକ ମହାନ୍ କାର୍ଯ୍ୟ ପାଇଁ ଆହ୍ୱାନ କରିବେ ସେତେବେଳେ ଏପରି ବିପଦ କିମ୍ବା ବିରୋଧ ଆସିବ ଯାହା ଏହି କାର୍ଯ୍ୟକୁ ସଂପୂର୍ଣ୍ଣ କରିବାରେ ଆପଣଙ୍କୁ ବାଧା ଦେବାକୁ ଚେଷ୍ଟା କରିବ । କିନ୍ତୁ, ଯଦି ଆମେ ସେହି ବିରୋଧଗୁଡ଼ିକ ଉପରେ ଅତ୍ୟଧିକ ଦୃଷ୍ଟି ଦେବା, ତେବେ ସେଗୁଡ଼ିକର ପଛରେ ଥିବା ଆଶୀର୍ବାଦ ଗୁଡ଼ିକୁ ଦେଖିପାରିବା ନାହିଁ ।

୧ ଶାମୁୟେଲରେ ଥିବା ଦାଉଦ ଓ ଗଲିୟାତ୍ ସମ୍ବନ୍ଧୀୟ କାହାଣୀ ଏହାକୁ ଅତି ସୁନ୍ଦର ଭାବେ ଚିତ୍ରିତ କରିଛି – ଏହା ଆମ ମଧ୍ୟରୁ ଅଧିକାଂଶଙ୍କ ପାଇଁ ଗୋଟିଏ ଅତି ପରିଚିତ କାହାଣୀ ଅଟେ ।

ଏଠାରେ ଗଲିୟାତ୍ କେବଳ ଜଣଙ୍କ ସହିତ ଯୁଦ୍ଧ କରିବ ବୋଲି ଇସ୍ରାଏଲ ସୈନ୍ୟବାହିନୀକୁ ଆହ୍ୱାନ ଜଣାଉଥିବାର ଆମେ ଦେଖୁ । ସେ ୪୦ ଦିନ ପର୍ଯ୍ୟନ୍ତ ଅବିଶ୍ରାନ୍ତ ଭାବରେ ଚିତ୍କାର କରୁଥିଲା ଓ ସେମାନଙ୍କୁ ଅଭିଶାପ ଦେଉଥିଲା । ଏହା ଫଳରେ, ଇସ୍ରାଏଲୀୟ ମାନଙ୍କ ମଧ୍ୟରେ ବଡ଼ ଭୟ ସୃଷ୍ଟି ହୋଇଥିଲା । **"ଇସ୍ରାଏଲ ଲୋକ ସମସ୍ତେ ସେହି ପୁରୁଷକୁ ଦେଖି ତାହା ସମ୍ମୁଖରୁ ପଳାଇଲେ ଓ ଅତିଶୟ ଭୀତ ହେଲେ"** (୧ ଶାମୁୟେଲ ୧୭:୨୪) ।

କିନ୍ତୁ, ୧ ଶାମୁୟେଲ ୧୭:୨୬ରେ ଦାଉଦଙ୍କର ପ୍ରତିକ୍ରିୟା ଦେଖନ୍ତୁ : **"ଏହି ଅସୁନ୍ନତ ପଲେଷ୍ଟିୟ କିଏ ଯେ, ସେ ଜୀବିତ୍ ପରମେଶ୍ୱରଙ୍କ ସୈନ୍ୟଶ୍ରେଣୀକୁ ତୁଚ୍ଛ କରିବ ?"** ଦାଉଦ ସେହି ପଲେଷ୍ଟିୟର କଥାକୁ ସହ୍ୟ କରି ପାରି ନ ଥିଲେ । ଯଦି ଆମେ ତାଙ୍କ ପ୍ରତିକ୍ରିୟାକୁ ନିକଟରୁ ବିଶ୍ଳେଷଣ କରିବା, ତେବେ ଆମେ ଦାଉଦଙ୍କର ଯୁଦ୍ଧ କୌଶଳକୁ ଲକ୍ଷ୍ୟ କରିପାରିବା ।

ସେ ତାଙ୍କ ଈଶ୍ୱରଙ୍କ ସହିତ ନିଜ ସମସ୍ୟାକୁ ସଂଯୁକ୍ତ କରିଥିଲେ ଓ ତାଙ୍କ ବିରୁଦ୍ଧରେ କଥା କହିବା ପାଇଁ କାହାରିକୁ ସୁଯୋଗ ଦେବାକୁ ଅସମ୍ମତ ଥିଲେ । ଦାଉଦଙ୍କ ଦୃଷ୍ଟିରେ, ଏହି ଯୁଦ୍ଧ ଆଉ ତାଙ୍କର ନୁହେଁ, ମାତ୍ର ଈଶ୍ୱରଙ୍କର ଥିଲା ।

ପ୍ରାୟତଃ, ଆମେ ଆମର ଯୁଦ୍ଧଗୁଡ଼ିକୁ ଆମ ନିଜ ନିଜ ହାତକୁ ନେବା ପାଇଁ ଚେଷ୍ଟା କରୁ ଓ ସେଗୁଡ଼ିକରେ ଯୁଦ୍ଧ କରୁ । ପ୍ରଭୁ ଯିଏ ଜଣେ ଶକ୍ତିଶାଳୀ ଯୋଦ୍ଧା ଅଟନ୍ତି, ତାହାଙ୍କ ନିକଟରେ ଆପଣଙ୍କ ଯୁଦ୍ଧଗୁଡ଼ିକୁ ସମର୍ପଣ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରେ । ସେ ଆପଣଙ୍କ ପକ୍ଷରୁ ଯୁଦ୍ଧ କରିବେ । ଦୁର୍ଭାଗ୍ୟ ବଶତଃ, ଆମେ ପ୍ରତ୍ୟେକ ବିଷୟକୁ ସ୍ୱାଧୀନଭାବେ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିବା ଦ୍ୱାରା ନିଜ ନିଜକୁ କ୍ଳାନ୍ତଶ୍ରାନ୍ତ କରୁ ଓ ଏହା ବେଳେବେଳେ ଆମକୁ ଆମ ବିଶ୍ୱାସରୁ ସୁଦ୍ଧା ଦୂରେଇ ଦେଇପାରେ ।

## ୩. ସମସ୍ତ ବିଷୟ ମଙ୍ଗଳ ନିମନ୍ତେ କାର୍ଯ୍ୟ କରେ

ପ୍ରିୟ ଭାଇ ଓ ଭଉଣୀମାନେ, ଦାଉଦଙ୍କୁ ଯୁଦ୍ଧକ୍ଷେତ୍ରକୁ ଆଣିବାରେ ଈଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ଯୋଜନା ଥିଲା । ଯଦିଓ ଦାଉଦ ପ୍ରାରମ୍ଭିକ ଭାବରେ ଏହା ବିଶ୍ୱାସ କରୁଥିଲେ ଯେ ସେ କେବଳ ନିଜ ଭାଇମାନଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଥିଲେ, ତଥାପି ଈଶ୍ୱରଙ୍କର ଏକ ସ୍ୱର୍ଗୀୟ ଯୋଜନା ଥିଲା । ଏହା ଦାଉଦଙ୍କୁ ଇସ୍ରାଏଲର ରାଜା କରିବା ଦିଗରେ ପ୍ରଥମ ପଦକ୍ଷେପ ଥିଲା । ସେହି ସମୟରେ ଦାଉଦଙ୍କୁ ଏହି ବିଷୟରେ କୌଣସି ସୂଚନା ମିଳି ନ ଥିଲା । ତାଙ୍କ ପାଇଁ ଈଶ୍ୱରଙ୍କର ଏକ ଅବିଶ୍ୱସନୀୟ ଯୋଜନା ଓ ଆଶୀର୍ବାଦ ଥିଲା, ମାତ୍ର ତାଙ୍କୁ ପ୍ରଥମେ ଏକ ଆହ୍ୱାନ, ଏକ ଯୁଦ୍ଧର ସମ୍ମୁଖୀନ ହେବାକୁ ଥିଲା । ଏହା ଅନେକ ମାର୍ଗରେ ଆମ ନିଜସ୍ୱ ଜୀବନ ସହିତ ସମାନ୍ତର ଅଟେ ।



ଗଲିୟାତ୍ ସହିତ ଦାଉଦଙ୍କ ଯୁଦ୍ଧ

ଅଧିକାଂଶ ସମୟରେ, ଆମେ ସମ୍ମୁଖରେ ଥିବା ଆଶୀର୍ବାଦ ଉପରେ ଦୃଷ୍ଟି ନିବଦ୍ଧ କରିବା ପରିବର୍ତ୍ତେ, ଯୁଦ୍ଧ ଦ୍ୱାରା ପରିଚାଳିତ ହୋଇଥାଉ ।

ଯୁଦ୍ଧରେ ଦାଉଦ ଗଲିୟାତ୍‌ର ସମ୍ମୁଖୀନ ହୁଅନ୍ତୁ ବୋଲି ଈଶ୍ୱର ଇଚ୍ଛା କରୁଥିଲେ । ଏହା ଈଶ୍ୱରଙ୍କ ସ୍ୱର୍ଗୀୟ ଯୋଜନାର ଅଂଶ ବିଶେଷ ଥିଲା । କିନ୍ତୁ, ଶୟତାନ ସର୍ବଦା ଆମ ଜୀବନରେ ଥିବା ଈଶ୍ୱରଙ୍କ ଯୋଜନାକୁ ନଷ୍ଟ କରିବା ପାଇଁ ଚେଷ୍ଟା କରେ ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।

माध्यमः हिन्दी

ECHO OF HIS CALL 1969-2019 REACHING NATIONS

Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969

सदस्यता के लिए पंजीकृत उम्मीदवार - ATA

सुविख्यात अंतर्राष्ट्रीय मसीही अगुवे तथा पिछले 54 वर्षों से सेवारत वरिष्ठ पासवान

Diploma in Ministry : One year
Diploma in Theology : Two years
Bachelor of Theology : Three years

योग्यता 10 वी या अधिक
जल्दी करें!

Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ନଭେମ୍ବର ୧୯ ରୁ ୨୦୨୩ ଡିସେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ନଭେମ୍ବର ୧୯ ⇨ ଆମର ନିହିମିୟା କଲେଜ ୨୦୨୩–୨୪ର ପ୍ରଥମ ସେମିଷ୍ଟାରକୁ ସଫଳତାର ସହିତ ସଂପୂର୍ଣ୍ଣ କରିବା ପାଇଁ ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୨୦ ⇨ ଆମର ଛାପାକଳରେ ଆମର ପତ୍ରିକାକୁ ୧୬ଟି ଭାଷାରେ ଛପାଇ ଓ ପ୍ରକାଶ କରି ସେଗୁଡ଼ିକୁ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବାରେ ସାହାଯ୍ୟ କରିଥିବାରୁ ।

ନଭେମ୍ବର ୨୧ ⇨ ଆମ ଡାକ୍ତରଖାନା ସେବାକାର୍ଯ୍ୟରେ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କର୍ମ ନିମନ୍ତେ ... ।

ନଭେମ୍ବର ୨୨ ⇨ ଅପହଞ୍ଚ ଗୋଷ୍ଠୀମାନଙ୍କ ନିକଟକୁ ସୁସମାଚାର ପହଞ୍ଚାଇବା ପାଇଁ ଆମର ମୁଖ୍ୟ ମଣ୍ଡଳୀ ଓ ଏହା ଶାଖାଗୁଡ଼ିକରେ ଅନୁଷ୍ଠିତ ହେଉଥିବା ଆମର ରବିବାର ଉପାସନା ନିମନ୍ତେ ।

ନଭେମ୍ବର ୨୩ ⇨ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର କରିବା ପାଇଁ ଆମର ବରିଷ୍ଠ ପାଳକଙ୍କର ପ୍ରତିବଦ୍ଧତା ନିମନ୍ତେ ।

ନଭେମ୍ବର ୨୪ ⇨ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ସେବାକାର୍ଯ୍ୟକୁ ସହାୟତା ଦେଉଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କୁ ଯୋଗାଇ ଦେଇଥିବାରୁ ।

ନଭେମ୍ବର ୨୫ ⇨ ଆମର ପ୍ରାର୍ଥନା ସାଥୀ, ଆଜୀବନ ସାଥୀ, ବିଶ୍ୱାସ ସାଥୀ, ସଭ୍ୟ ସଭ୍ୟା, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରଗୁଡ଼ିକ ପ୍ରତି ତାଙ୍କର ଦୟା ନିମନ୍ତେ ।

ନଭେମ୍ବର ୨୬ ⇨ ଆମର ନିୟମିତ ସାହାଯ୍ୟକାରୀ ଓ ଆମ ସେବାକାର୍ଯ୍ୟରେ ସେମାନଙ୍କ ଅନ୍ତର୍ଭୁକ୍ତ ନିମନ୍ତେ ।

ନଭେମ୍ବର ୨୭ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ପ୍ରତି ଆମର କାର୍ଯ୍ୟାଳୟ ଓ ଛାପାକଳର କର୍ମଚାରୀମାନଙ୍କର ସମର୍ପଣ ନିମନ୍ତେ ।

ନଭେମ୍ବର ୨୮ ⇨ ଆମକୁ ନୂତନ ଇଂରାଜୀ ସହଯୋଗୀ ସଂପାଦିକା, ଭଉଣୀ ସାଜିନୀ ଚେରିଆନ ଓ ଆଫ୍ରିକାନସ୍ ସହଯୋଗୀ ସଂପାଦକ, ଭାଇ ଉଇଲେମ୍ ଯାକୋବସ୍ ପ୍ରିଟୋରିଅସଙ୍କୁ ଯୋଗାଇ ଦେଇଥିବାରୁ ।

ନଭେମ୍ବର ୨୯ ⇨ ଆହ୍ୱାନର ପ୍ରତିଧ୍ୱନି ୟୁ–ଟ୍ୟୁବ୍ ଗଣମାଧ୍ୟମ ସେବାକାର୍ଯ୍ୟ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ସୁସମାଚାର ପ୍ରସାର କରିବା ପାଇଁ ସାହାଯ୍ୟ କରିଥିବାରୁ ।

ନଭେମ୍ବର ୩୦ ⇨ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକରେ ସଣ୍ଡେସ୍କୁଲ ପାଇଁ ଅଧିକ ପିଲା ପ୍ରଦାନ କରିଥିବାରୁ ।

ଡିସେମ୍ବର ୧ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ଓ ନିହିମିୟା ବାଇବଲ କଲେଜର ଛାତ୍ର ଓ ଶିକ୍ଷକମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ଡିସେମ୍ବର ୨ ⇨ ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜର ଦ୍ୱିତୀୟ ସେମିଷ୍ଟାର ଆରମ୍ଭ କରିବା ପାଇଁ ଅଧିକ ଛାତ୍ର ଓ ଅଧିକ ଉତ୍ସାହ ପ୍ରଦାନ କରିଥିବାରୁ ।

ଡିସେମ୍ବର ୩ ⇨ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟକଳାପ ଉପରେ ତାଙ୍କର ହସ୍ତ ରଖିଥିବାରୁ ।

## ପ୍ରାର୍ଥନାର ବିଷୟ

ଡିସେମ୍ବର ୪ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ଦେବା ନିମନ୍ତେ ।

ଡିସେମ୍ବର ୫ ⇨ ଆମର ବରିଷ୍ଠ ପାଳକଙ୍କୁ ତାଙ୍କ ଆତ୍ମ ଜୀବନୀ ଲେଖିବାରେ ସଫଳତା ଦେବା ନିମନ୍ତେ ।

ଡିସେମ୍ବର ୬ ⇨ ପୃଥିବୀ ବ୍ୟାପୀ ପାଳକ ଓ ମିଶନେରୀ ମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଡିସେମ୍ବର ୭ ⇨ ଆମର ନିହିମିୟା ବାଇବଲ କଲେଜ ପାଇଁ ATA ସ୍ୱୀକୃତି ପାଇବା ନିମନ୍ତେ ।

ଡିସେମ୍ବର ୮ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜର ଶିକ୍ଷକ, ଅଧ୍ୟାପକ ଓ ଛାତ୍ରମାନଙ୍କ ନିମନ୍ତେ ।

ଡିସେମ୍ବର ୯ ⇨ ପୃଥିବୀର କିଶୋର କିଶୋରୀ ଓ ଯୁବଗୋଷ୍ଠୀ ମଧ୍ୟରେ ଆତ୍ମ ହତ୍ୟାର ମନୋଭାବ ଦୂର କରିବା ପାଇଁ ।

ଡିସେମ୍ବର ୧୦ ⇨ ସମଗ୍ର ପୃଥିବୀରେ ବାତ୍ୟା ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ଦୂରୀକରଣ ପାଇଁ ।

ଡିସେମ୍ବର ୧୧ ⇨ ସମସ୍ତ ଧର୍ମ ମଧ୍ୟରେ ଏକତା ନିମନ୍ତେ ।

ଡିସେମ୍ବର ୧୨ ⇨ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ସମଗ୍ର ପୃଥିବୀରେ ସୁସମାଚାରର ଘୋଷଣା ନିମନ୍ତେ ।

ଡିସେମ୍ବର ୧୩ ⇨ ପରିବାରରେ ଯୁବକ ଯୁବତୀ ଓ ପିଲାମାନଙ୍କ ଲାଳନ ପାଳନରେ ପିତାମାତାଙ୍କୁ ସ୍ୱର୍ଗୀୟ ଚାଳନା ନିମନ୍ତେ ।

ଡିସେମ୍ବର ୧୪ ⇨ ପୃଥିବୀ ବ୍ୟାପୀ ସମସ୍ତ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ଏକ ବଡ଼ ଉଦ୍ଦୀପନା ନିମନ୍ତେ ।

ଡିସେମ୍ବର ୧୫ ⇨ ଭାରତର ମଣିପୁର ରାଜ୍ୟରେ ଶାନ୍ତି ଓ ମିଳନ ଫେରାଇ ଆଣିବା ନିମନ୍ତେ ।

ଡିସେମ୍ବର ୧୬ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଥିବା ବିଶ୍ୱାସୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଡିସେମ୍ବର ୧୭ ⇨ ଆମ "ଆହ୍ୱାନର ପ୍ରତିଧ୍ୱନି" ୟୁ–ଟ୍ୟୁବ୍ ଗଣମାଧ୍ୟମ ସେବାକାର୍ଯ୍ୟ ମାଧ୍ୟମରେ ଅନେକ ସଂଖ୍ୟକ ଆତ୍ମାର ପରିତ୍ରାଣ ନିମନ୍ତେ ।

ଡିସେମ୍ବର ୧୮ ⇨ ଏହି ଯୁଗର ଯୁବକ ଓ ପିଲାମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଆମର ଗ୍ଲୋବାଲ ଭିଜନ ଫର୍ ୟୁଥ୍ ଓ କିଡ୍ କେୟାରରେ ନାମ ଲେଖାଇବା ପାଇଁ ଅଧିକ ଲୋକ ଯୋଗାଇବା ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

## ୪. ଫେରିଯିବା ଶିକ୍ଷା କରନ୍ତୁ

ଦାଉଦ ଅତି ଆବେଗ ଓ ଉତ୍ସାହର ସହିତ କଥା କହୁଥିବା ସମୟରେ, ସେ ଏକ ସ୍ୱର ଶୁଣିଲେ । ୧ ଶାମୁୟେଲ ୧୭:୨୮ରେ ଉଲ୍ଲେଖ ଅଛି ଯେ, ‘‘ଯେତେବେଳେ ଦାଉଦଙ୍କର ଜ୍ୟେଷ୍ଠ ଭ୍ରାତା ଇଲୀୟାବ ତାଙ୍କୁ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଥିବାର ଶୁଣିଲେ, ସେତେବେଳେ ସେ କ୍ରୋଧରେ ପ୍ରଜ୍ୱଳିତ ହେଲେ । ସେ ଦାଉଦଙ୍କୁ ପଚାରିଲେ, **‘‘ତୁ କାହିଁକି ଏଠିକୁ ଆସିଲୁ ? ପ୍ରାନ୍ତରରେ ତୁ ସେ ମେଣ୍ଢା କେତୋଟି କାହା ପାଖରେ ଛାଡ଼ିଲୁ ?** ଇଲୀୟାବ ଦାଉଦଙ୍କୁ ଗର୍ବୀ ଓ ଏକ ଦୁଷ୍ଟାତ୍ମା ବୋଲି କହି ନିନ୍ଦା କରିଥିଲେ ଓ ଦାଉଦ କେବଳ ଯୁଦ୍ଧ ଦେଖିବାକୁ ଆସିଛନ୍ତି ବୋଲି କହିଥିଲେ । ଦାଉଦଙ୍କ ପ୍ରତି ଏହି ନିନ୍ଦା ତୀକ୍ଷ୍ଣ ଓ ଆଘାତପୂର୍ଣ୍ଣ ଥିଲା ।

ତାଙ୍କୁ କାହିଁକି ଏପ୍ରକାର ବ୍ୟବହାର ଦେଖାଯାଉଛି କିମ୍ବା ଏହିପରି ନିନ୍ଦା କରାଯାଉଛି ତାହା ଦାଉଦ ବୁଝି ପାରି ନ ଥିଲେ । ସେଥିପାଇଁ ସେ କ'ଣ ଭୁଲ କରିଛନ୍ତି ବୋଲି ପଚାରିଥିଲେ । ସେ କାହିଁକି କଥା ସୁଦ୍ଧା କହିପାରିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଶେଷରେ, ୧ ଶାମୁୟେଲ ୧୭:୨୯ ଓ ୩୦ରେ ଯେପରି ଉଲ୍ଲେଖ ଅଛି, ସେହିପରି ସେ ସେହି ସ୍ଥାନରୁ ଚାଲି ଆସିବାକୁ ସ୍ଥିର କଲେ । ଏହି ପଦଟି ମୋ' ନିକଟରେ ପ୍ରତିଧ୍ୱନିତ ହୁଏ କାରଣ ବେଳେବେଳେ ଆମେ ଫେରିଯିବା କିମ୍ବା ଚାଲି ଆସିବା ଶିକ୍ଷା କରିବା ଆବଶ୍ୟକ । ଆମେ ସର୍ବଦା ଆମ ମାର୍ଗକୁ ଆସୁଥିବା ପ୍ରତ୍ୟେକ ଯୁଦ୍ଧରେ ନିୟୋଜିତ ହେବା ଆବଶ୍ୟକ ନୁହେଁ ।

ଦାଉଦ ସେଠାରେ ଠିଆ ହୋଇ ମିଥ୍ୟା ଅଭିଯୋଗ ବିରୁଦ୍ଧରେ ନିଜକୁ ରକ୍ଷା କରିବା ପାଇଁ ନିଜ ଭାଇ ସହିତ ଯୁକ୍ତିତର୍କ କରିପାରିଥା'ନ୍ତେ । ଅନେକ ଲୋକଙ୍କ ସମ୍ମୁଖରେ ତାଙ୍କୁ ନିନ୍ଦା ଓ ଅପମାନ କରାଯାଉଛି ବୋଲି ବିଚାର କରି, ସେହିପରି କରିବା ପାଇଁ ତାଙ୍କର ଅଧିକାର ଥିଲା । କିନ୍ତୁ, ଦାଉଦ କଳହ କରିବା ପସନ୍ଦ କରି ନ ଥିଲେ । ଏହା ପରିବର୍ତ୍ତେ, ଚାଲି ଆସିବା ପାଇଁ ସେ ସ୍ଥିର କରିଥିଲେ ।

## ୫. ଆପଣଙ୍କ ଯୁଦ୍ଧ କ୍ଷେତ୍ରକୁ ନଷ୍ଟ କରନ୍ତୁ ନାହିଁ ।

ପ୍ରିୟବନ୍ଧୁ, କେତେକ ପରିସ୍ଥିତିରୁ ଚାଲି ଆସିବା ପାଇଁ ଈଶ୍ୱର ଆମକୁ ଜ୍ଞାନ ପ୍ରଦାନ କରିଛନ୍ତି । ଆପଣମାନଙ୍କୁ ଏକ ମହତ୍ତର ଉଦ୍ଦେଶ୍ୟ ପାଇଁ ଆହ୍ୱାନ କରାଯାଇଛି ଓ ଆପଣଙ୍କୁ ଯାହା କରିବା ପାଇଁ ଆହ୍ୱାନ କରାଯାଇଛି, ସେଥିରୁ କୌଣସି ‘‘ଇଲୀୟାବର କଥା’’ ଆପଣଙ୍କୁ ବିଭ୍ରାନ୍ତ ନ କରୁ । ଆମ ଜୀବନରେ ଥିବା ‘‘ଇଲୀୟାବ ମାନଙ୍କ’’ ବିରୁଦ୍ଧରେ ଯୁଦ୍ଧ କରିବା ପରିବର୍ତ୍ତେ, ଆମେ ‘‘ଗଲିୟାତ୍‌ମାନଙ୍କ’’ ସମ୍ମୁଖୀନ ହେବା ଉପରେ ଆମର ଦୃଷ୍ଟି ନିବଦ୍ଧ କରିବା ଉଚିତ୍ । ଆମେ ପ୍ରଭୁଙ୍କ ନିମନ୍ତେ ବଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିବା ସମୟରେ ପ୍ରତିବନ୍ଧକ ଓ ବିରୋଧର ସମ୍ମୁଖୀନ ହେବା ସାଧାରଣ ବିଷୟ ଅଟେ । ଏହି ପ୍ରତିବନ୍ଧକଗୁଡ଼ିକ ଇଲୀୟାବ ଭଳି ଲୋକମାନଙ୍କ ରୂପରେ ଆସେ । କିନ୍ତୁ, ଯଦି ଆମେ ସେମାନଙ୍କ ନିନ୍ଦା ଓ ନକାରାତ୍ମକ ବିଷୟଗୁଡ଼ିକୁ ଗ୍ରହଣ କରି ନେବା, ତେବେ ଆମର ଆଗ୍ରହ, ସମର୍ପଣ ଓ ଉତ୍ସାହ ଉଭେଇ ଯିବ ।

ଇଲୀୟାବ କହିଥିବା ନିନ୍ଦାଗୁଡ଼ିକ ପ୍ରତି ଦୃଷ୍ଟିପାତ କରନ୍ତୁ :

‘‘ତୁ ଏଠିକୁ କାହିଁକି ଆସିଛୁ ?’’

‘‘କାହା ନିକଟରେ ତୁ ସେ କେତୋଟି ମେଣ୍ଢାଙ୍କୁ ଛାଡ଼ିଲୁ ?’’

‘‘ମୁଁ ତୋ ଗର୍ବ ଓ ତୋ' ମନର ଦୁଷ୍ଟତା ଜାଣେ ।’’

‘‘ତୁ ଯୁଦ୍ଧ ଦେଖିବା ପାଇଁ ଆସିଅଛୁ ।’’

ଯଦି ଦାଉଦ ଏହି ସମସ୍ତ ଅଭିଯୋଗର ଉତ୍ତର ଦେବା ଆରମ୍ଭ କରିଥା'ନ୍ତେ, ତେବେ ସେ ଗଲିୟାତ୍ ପରିବର୍ତ୍ତେ ଇଲୀୟାବ ସହିତ ଯୁଦ୍ଧ କରିଥା'ନ୍ତେ । ଯୁଦ୍ଧ କ୍ଷେତ୍ରକୁ ଆସିବାରେ ତାଙ୍କର ଉଦ୍ଦେଶ୍ୟ ସଫଳ ହୋଇ ନ ଥା'ନ୍ତା ।



**ଇଲୀୟାବ ଦାଉଦଙ୍କୁ ପ୍ରଶ୍ନ କରୁଛନ୍ତି ।**

ଯେତେବେଳେ ଈଶ୍ୱର ଗଲୀୟାତ ସହିତ ଯୁଦ୍ଧ କରିବା ପାଇଁ ଆପଣଙ୍କୁ ଆହ୍ୱାନ କରନ୍ତି, ସେତେବେଳେ ଇଲୀୟାବମାନଙ୍କ ସହିତ ଯୁଦ୍ଧ କରି ସମୟ ନଷ୍ଟ କରନ୍ତୁ ନାହିଁ । ଆପଣଙ୍କ ଯୁଦ୍ଧଗୁଡ଼ିକୁ ଜ୍ଞାନର ସହିତ ବାଛନ୍ତୁ । ଆମର ଯୁଦ୍ଧ ଜଗତର ଇଲୀୟାବମାନଙ୍କ ସହିତ ଲଢ଼ିବା ପାଇଁ ଉଦ୍ଦିଷ୍ଟ ନୁହେଁ, ମାତ୍ର ‘‘ଗଲିୟାତ୍‌ମାନଙ୍କ’’ ସହିତ ଲଢ଼ିବା ପାଇଁ ଉଦ୍ଦିଷ୍ଟ ଅଟେ । ଚାଲି ଯିବା ଶିକ୍ଷା କରନ୍ତୁ ।

## ୬. ଲକ୍ଷ୍ୟ ଦିଗରେ ଦୌଡ଼ିବା ଶିକ୍ଷା କରନ୍ତୁ ।

କେତେବେଳେ ଚାଲି ଯିବାକୁ ଓ କେତେବେଳେ ଲକ୍ଷ୍ୟ ଦିଗରେ ଦୌଡ଼ିବାକୁ ହେବ, ଏହା ଆମେ ଶିକ୍ଷା କରିବା ଆବଶ୍ୟକ । ୪୮ ପଦରେ, ଆମେ ଦାଉଦଙ୍କୁ ଗଲିୟାତ୍

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


ନିହିମିଆ ବାଇବଲ
ସାଂଧ୍ୟ କଲେଜ
ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ
ମାଧ୍ୟମ ~ ତାମିଲ
ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
Diploma in Ministry : One year
Diploma in Theology : Two years
Bachelor of Theology : Three years
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗାଯୋଗ : The Chairman, Nehemiah Bible College.
10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ଣ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

## ତାଙ୍କର କୌଣସି ଉଦ୍ଦେଶ୍ୟ କେବେ ସ୍ଥଗିତ ହୋଇ ପାରିବ ନାହିଁ ।

**NO PURPOSE OF HIS CAN BE WITHHELD FROM HIM!**

୧୯୬୯ରେ, ଯେତେବେଳେ ମୁଁ ପ୍ରଭୁଯୀଶୁଙ୍କୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିଲି, ସେତେବେଳେ ମୁଁ ''ହେରାଲଡ୍ ଅଫ୍ ହିଜ୍ କମିଙ୍ଗ''ର ସଂପାଦକ, ପାଳକ ଏସ୍.ଦେବଦାସନ୍‌ଙ୍କର ସେବାକାର୍ଯ୍ୟରେ ଯୋଗ ଦେଇଥିଲି । ପ୍ରଭୁଙ୍କର ସେବା କରିବା ପାଇଁ ସେ ମୋତେ ଆଧ୍ୟାତ୍ମିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଓ ମୁଁ ୩ ବର୍ଷ ଧରି ତାଙ୍କ ସହିତ ଥିଲି ।



**ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ଆଚାର୍ଯ୍ୟ ଏସ୍. ଦେବଦାସନ**

ଦିନେ ରାତିରେ, ମୁଁ ଦୀର୍ଘ ସମୟ ଧରି ତାଙ୍କ ସହିତ ପ୍ରାର୍ଥନା କରୁଥିଲି । ହଠାତ୍, ଭବିଷ୍ୟତ୍‌ରେ ଜଗତ କିପରି ହେବ ଓ ପ୍ରଭୁ ଭବିଷ୍ୟତ୍‌ରେ ମୋ' ମାଧ୍ୟମରେ କ'ଣ କରିବେ, ସେ ବିଷୟରେ ସେ ମୋତେ କହିବା ଆରମ୍ଭ କରିଥିଲେ । ସେ ମହାନ୍ ବିଷୟଗୁଡ଼ିକ ସମ୍ବନ୍ଧରେ କହିଥିଲେ । ସେହି ସମୟରେ, ମୁଁ ସେହି ସବୁ ବିଷୟରେ ଚିନ୍ତା ମଧ୍ୟ କରି ପାରି ନ ଥିଲି । ମୁଁ ଭବିଷ୍ୟତ୍‌ରେ ଯେଉଁ ବଡ଼ ସେବାକାର୍ଯ୍ୟ କରିବି ବୋଲି ସେ ଭାବବାଣୀ ପ୍ରକାଶ କରିଥିଲେ, ତାହା ସଫଳ କରିବା ପାଇଁ ମୋ' ନିକଟରେ ଶିକ୍ଷାଗତ ଯୋଗ୍ୟତା, କିମ୍ବା ଅର୍ଥ କିମ୍ବା ମାନବ ସମ୍ବଳ ନ ଥିଲା ।

ମୁଁ ତାଙ୍କୁ ମୋର ଅସାମର୍ଥ୍ୟ ବିଷୟରେ ବୁଝାଇ କହିଥିଲି, ''ପାଳକ, ଯଦି ମୁଁ ପ୍ରଭୁଙ୍କ ସେବାକାର୍ଯ୍ୟରେ କ୍ଷୁଦ୍ରତମ ଦାସ ଭାବରେ ରହିବି, ତେବେ ତାହା ମୋ' ପାଇଁ ଯଥେଷ୍ଟ ହେବ ।'' ସେ ଉତ୍ତର ଦେଇଥିଲେ, ''ଜଣେ ସାଧାରଣ ଲୋକଙ୍କୁ ସର୍ବୋଚ୍ଚ ଉଚ୍ଚତାକୁ ନେବା ପାଇଁ କେବଳ ଦୁଇଟି ବିଷୟ ଆବଶ୍ୟକ । ଯଥା – ୨ ତୀମଥି ୧:୧୯ ଅନୁସାରେ, (କ) ବିଶ୍ୱାସ ଓ (ଖ) ସୁବିବେକ । ଯଦି ଆପଣ ଆପଣଙ୍କ ନିଜର ଦୁଇ ଚକ୍ଷୁ ଭଳି ସେହି ଦୁଇ ବିଷୟକୁ ଯତ୍ନର ସହିତ ସୁରକ୍ଷିତ ରଖିବେ, ତେବେ ମୁଁ କହିଥିବା ଏହି ସମସ୍ତ ଆତ୍ମିକ ଉନ୍ନତି ଆପଣ ନିଶ୍ଚୟ ପ୍ରାପ୍ତ ହେବେ ।'' ପ୍ରଭୁ ଏହି ସମସ୍ତ ବର୍ଷରେ ମୋର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେ ସେହି ବିଷୟଗୁଡ଼ିକର ଯତ୍ନ ନେବାରେ ମୋତେ ସାହାଯ୍ୟ କରିଥିଲେ ।

ଏହି ପ୍ରବନ୍ଧକୁ ଲେଖିବା ପୂର୍ବରୁ, ପ୍ରଭୁ ମୋ' ସହିତ କଥା କହିଥିଲେ । ମୁଁ ନିର୍ବାକ୍ ଥିଲି ଓ ତାଙ୍କର ସେହି କୋମଳ, ଧୀର ସ୍ୱରକୁ ଅତି ଧ୍ୟାନର ସହିତ ଶୁଣିଥିଲି । ସେ ମୋତେ କହିଥିଲେ, ''ମୋର ପ୍ରିୟ ପୁତ୍ର, କିଛି ସମୟ ପାଇଁ ତୁମେ ଯେଉଁ ଗୃହରେ ଠିଆ ହୋଇଛ, ସେହି ଗୃହ ବିଷୟରେ ଚିନ୍ତା କର । ତୁମେ ଏହାକୁ କିପରି ପାଇଥିଲ ? ବର୍ତ୍ତମାନ ଏହି ଗୃହରେ ତୁମେ ଯେଉଁ ସେବାକାର୍ଯ୍ୟ ଚଳାଉଅଛ, ତାହା ବିଷୟରେ ଚିନ୍ତା କର । ତଳ ମହଲାରେ ଅବସ୍ଥାପିତ ଅତ୍ୟାଧୁନିକ ସୁସମାଚାର ଛାପାକଳ ପ୍ରତି ଦୃଷ୍ଟିପାତ କର । ଯେଉଁ ପ୍ରଥମ ମହଲାରେ ୨୪ ଘଣ୍ଟା ପ୍ରାର୍ଥନା ସଭା ଅନୁଷ୍ଠିତ ହେଉଅଛି, ସେଠାରେ ଥିବା ମୋର ମଣ୍ଡଳୀ ବିଷୟରେ ତୁମେ କେବେ ଚିନ୍ତା କରିଛ କି ? ତୁମେ କେବେ ପ୍ରଥମ ମହଲାର ଅପର ପାର୍ଶ୍ୱରେ ଥିବା ନିହିମିୟା ବାଇବଲ କଲେଜ ସେବାକାର୍ଯ୍ୟ ଓ କଲେଜ ଛାତ୍ର ଛାତ୍ରୀମାନଙ୍କ ପାଇଁ ଅନୁଷ୍ଠିତ ହେଉଥିବା ଯୁବ ସେବାକାର୍ଯ୍ୟ ବିଷୟରେ ଚିନ୍ତା କରିଛ କି ? ତୁମେ କେବେ ଦ୍ୱିତୀୟ ମହଲାରେ କାର୍ଯ୍ୟ କରୁଥିବା ''ଆହ୍ୱାନର ପ୍ରତିଧ୍ୱନି ପ୍ରଶାସନିକ କାର୍ଯ୍ୟାଳୟ ବିଷୟରେ ଚିନ୍ତା କରିଛ କି ?''

''ତୁମ ସାମର୍ଥ୍ୟର ବାହାରେ ସେବାକାର୍ଯ୍ୟ ପରିଚାଳନା କରିବା ନିମନ୍ତେ, ମୁଁ ତୁମକୁ ଅନେକ ଅନେକ ହାରୋଣ ଓ ଯିହୋଶୂୟ ପ୍ରଦାନ କରିଅଛି, ସର୍ବଦା ତୁମକୁ ସାହାଯ୍ୟ କରିବା ପାଇଁ ତୁମଠାରୁ ଅଧିକ ଦକ୍ଷ ଓ ଜ୍ଞାନୀ ଲୋକମାନଙ୍କୁ ଦେଇଅଛି ଓ ତୁମକୁ ଆଶୀର୍ବାଦ କରିଅଛି । ମୁଁ ସର୍ବଦା ତୁମ ବିଷୟରେ ଚିନ୍ତା କରୁଛି । ମୁଁ ତୁମକୁ ଆହ୍ୱାନ କରିବା ସମୟରେ ତୁମେ କିପରି ଥିଲ ? ବର୍ତ୍ତମାନ ତୁମେ କିପରି ଅଛ ? ମୁଁ ତୁମର ସେବାକାର୍ଯ୍ୟକୁ ଆହୁରି ସଂପ୍ରସାରିତ କରିବି । ମୋର ଦାସ, ପାଳକ ଏସ୍. ଦେବଦାସନ ତୁମକୁ ଯେପରି ଶିକ୍ଷା ଦେଇଥିଲେ, ସେହିପରି ତୁମ ବିଶ୍ୱାସରେ ଓ ସୁବିବେକରେ ସ୍ଥିର ରୁହ । ଜୀବନର ବନ୍ଧୁର ଓ କଷ୍ଟକର ପଥରେ ଚାଲିବା ସମୟରେ ନିରୁତ୍ସାହିତ ହୁଅ ନାହିଁ । ମୁଁ କ'ଣ ତୁମକୁ ଆହ୍ୱାନ କରି ନାହିଁ ? ମୁଁ ମୋ' ମୁଖ ମାଧ୍ୟମରେ ତୁମକୁ ଯାହା କହିଅଛି, ତାହା ମୁଁ ମୋ' ନିଜସ୍ୱ ହସ୍ତରେ ସାଧନ କରିବି । ସାହସିକ ହୁଅ ଓ କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ ।''

ବେଳେବେଳେ ମୁଁ ସେହିସବୁ ଆଶ୍ଚର୍ଯ୍ୟଜନକ ଓ ମହତ୍ ବିଷୟଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ବୁଝିପାରେ ନାହିଁ ଯାହା ସବୁ ପ୍ରଭୁ ମୋ' ମାଧ୍ୟମରେ କରିଛନ୍ତି । ପ୍ରିୟ ଭାଇ, ଭଉଣୀ, ଆପଣଙ୍କର ସେହି ନେତାମାନଙ୍କର ଆଜ୍ଞାବହ ହୁଅନ୍ତୁ ଯେଉଁମାନଙ୍କୁ ଈଶ୍ୱର ଆପଣଙ୍କ ଉପରେ ରଖିଛନ୍ତି । ଜଗତର ମାର୍ଗାନୁସାରେ ଚାଲନ୍ତୁ ନାହିଁ, ମାତ୍ର ନେତୃତ୍ୱର ବଶୀଭୂତ ହୋଇ ବିଶ୍ୱାସ ଓ ସୁବିବେକକୁ ଧରି ରଖନ୍ତୁ । ଯଦି ଆପଣ ଈଶ୍ୱରଙ୍କ ଓ ଆପଣଙ୍କ ନେତାମାନଙ୍କ ସମ୍ମୁଖରେ ସଙ୍କୋଚ ଅଟନ୍ତି, ତେବେ ସେ ଆପଣଙ୍କ ମାଧ୍ୟମରେ ମହତ୍ କାର୍ଯ୍ୟ ସାଧନ କରିବେ । ଶକ୍ତିଶାଳୀ କାର୍ଯ୍ୟ କରିବା ପାଇଁ ଆପଣଙ୍କୁ ବ୍ୟବହାର କରିବାରେ କୌଣସି ବିଷୟ ଈଶ୍ୱରଙ୍କୁ ଅଟକାଇବ ନାହିଁ । ମୁଁ ସମସ୍ତ ଗୌରବ ଓ ସମ୍ମାନ କେବଳ ଈଶ୍ୱରଙ୍କୁ ପ୍ରଦାନ କରୁଅଛି ।

*******

(୬ଷ ପୃଷ୍ଠାର ଅବଶିଷ୍ଟାଂଶ)



ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ସୀମାରେଖା ଦିଗକୁ ଦୌଡ଼ିବାର ଦେଖୁ । ଯେତେବେଳେ ସମସ୍ତେ ଗଲିୟାତ୍ ନିକଟରୁ ଦୌଡ଼ି ପଳାୟନ କରୁଥିଲେ ସେତେବେଳେ ଦାଉଦ ତା' ଦିଗକୁ ଦୌଡୁଥିଲେ । ଆପଣଙ୍କର ଯୁଦ୍ଧଗୁଡ଼ିକୁ ମନୋନୀତ କରନ୍ତୁ । ନିରୁତ୍ସାହଜନକ, ନିନ୍ଦାଯୁକ୍ତ, ମିଥ୍ୟା ଓ ଅପମାନଯୁକ୍ତ କଥାଗୁଡ଼ିକୁ ଅବଜ୍ଞା କରି ଆପଣଙ୍କ ଆହ୍ୱାନ ଉପରେ ଦୃଷ୍ଟିନିବଦ୍ଧ କରନ୍ତୁ । ଆପଣଙ୍କ ଜୀବନର ଉଦ୍ଦେଶ୍ୟ ଜାଣନ୍ତୁ ଓ ଏହା ଦିଗରେ ଦୌଡ଼ନ୍ତୁ । ଆଶା ତ୍ୟାଗ କରନ୍ତୁ ନାହିଁ ।

ଦାଉଦ ଅତି ବାଲ୍ୟକାଳରୁ ନିଜର ଯୁଦ୍ଧଗୁଡ଼ିକୁ କିପରି ମନୋନୀତ କରିବାକୁ ହୁଏ, ତାହା ଜାଣିଥିଲେ । ତାଙ୍କୁ ଯୁଦ୍ଧ କ୍ଷେତ୍ରରେ କେବଳ ଶତ୍ରୁମାନଙ୍କ ବିରୁଦ୍ଧରେ ନୁହେଁ, ମାତ୍ର ନିଜର ସମଗ୍ର ଜୀବନ କାଳରେ ନିରନ୍ତର ଯୁଦ୍ଧ କରିବାକୁ ପଡ଼ିଥିଲା । ଏପରିକି ସେ ନିଜର ଅତି ଘନିଷ୍ଠ ଆତ୍ମିୟ ଓ ପରିବାର ସଦସ୍ୟଙ୍କ ସହିତ ମଧ ଯୁଦ୍ଧ କରିଥିଲେ ।

## ୭. ପ୍ରଭୁଙ୍କ ନିକଟକୁ ଆପଣଙ୍କ ଯୁଦ୍ଧଗୁଡ଼ିକୁ ପ୍ରେରଣ କରନ୍ତୁ ।

୨ ଶାମୁୟେଲ ୧୬ରେ, ଆମେ ଜଣେ ବୃଦ୍ଧ, ପରିପକ୍ୱ, କ୍ଳାନ୍ତ ଶ୍ରାନ୍ତ ଦାଉଦଙ୍କୁ ଦେଖୁ । ସେ ବର୍ତ୍ତମାନ ନିଜର ପୁତ୍ର ଅବଶାଲୋମଠାରୁ ପଳାୟନ କରୁଥିଲେ କାରଣ ସେ ତାଙ୍କ ରାଜ୍ୟ ଅଧିକାର କରି ନେଇଥିଲା । ଏପରି ଏକ ସମୟରେ ଯେତେବେଳେ ସେ ବିଶ୍ରାମ ନେଇ ନିଜ ସନ୍ତାନମାନଙ୍କ ଉପରେ ନିର୍ଭର କରିପାରିବେ ବୋଲି ଭାବିଥିଲେ, ସେତେବେଳେ ତାଙ୍କୁ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବାକୁ ପଡିଥିଲା । ଦାଉଦ ଶାରୀରିକ, ମାନସିକ ଓ ଆବେଗିକ ଭାବରେ କ୍ଳାନ୍ତ ଶ୍ରାନ୍ତ ହୋଇ ଯାଇଥିଲେ । ଏହି ସମୟରେ, ସେ ଶାଉଲଙ୍କ ପରିବାରର ଜଣେ ସଦସ୍ୟ ଶିମିୟି ଅତି ଖରାପ ଭାଷାରେ ଦାଉଦଙ୍କ ପ୍ରତି ଭର୍ତ୍ସନା ଓ ନିନ୍ଦା କରିବାକୁ ଲାଗିଲା – **"... ଆରେ ରକ୍ତପାତୀ ମନୁଷ୍ୟ, ଆରେ ପାପାଧମ ଲୋକ ଦୂରହ ଦୂର । ଯାହାର ପଦରେ ତୁ ରାଜ୍ୟ କରୁଥିଲୁ ସେହି ଶାଉଲ ବଂଶର**



**ଶିମିୟି ଦାଉଦଙ୍କୁ ଅଭିଶାପ ଦେଉଛି ।**

**ସମସ୍ତ ରକ୍ତପାତର ପ୍ରତିଫଳ ତୋତେ ସଦାପ୍ରଭୁ ଦେଇଅଛନ୍ତି, ପୁଣି ସଦାପ୍ରଭୁ ତୋର ପୁତ୍ର ଅବଶାଲୋମ ହସ୍ତରେ ରାଜ୍ୟ ସମର୍ପଣ କରିଅଛନ୍ତି, ଆଉ ଦେଖ, ତୁ ତୋ ନିଜ ଦୁଷ୍ଟତାରେ ଧରା ପଡ଼ିଅଛୁ, କାରଣ ତୁ ରକ୍ତପାତୀ ମନୁଷ୍ୟ"** (୨ ଶାମୁୟେଲ ୧୬:୭,୮) ।

ଇସ୍ରାଏଲ ଲୋକମାନଙ୍କ ନିମନ୍ତେ ଓ ଶାଉଲଙ୍କ ପରିବାର ନିମନ୍ତେ ଏହି ସମସ୍ତ କାର୍ଯ୍ୟ କରିବା ପରେ ଏହି ସବୁ ନିନ୍ଦା ଶୁଣି ଦାଉଦ କିପରି ଅନୁଭବ କରିଥିବେ, ତାହା ଆପଣ କଳ୍ପନା କରିପାରୁଛନ୍ତି କି ? ତାଙ୍କୁ ତଥାପି ଜଣେ ନରଘାତକ ଓ ବିଶ୍ୱାସଘାତକ ବୋଲି ନିନ୍ଦା କରାଯାଉଥିଲା । ଦାଉଦ ଯେପରି ଯନ୍ତ୍ରଣା ଓ ବ୍ୟଥା ଅନୁଭବ କରିଥିବେ, ତାହା ମୁଁ କଳ୍ପନା କରି ପାରୁ ନାହିଁ । ଆପଣ ଏହାକୁ ପାଠ କରୁଥିବା ସମୟରେ ହୁଏତ କହୁଛନ୍ତି, **"ଏହା ମୋ' ଜୀବନ ଭଳି ମନେ ହେଉଛି । ମୁଁ ଏହି ସମସ୍ତ କରିବା ପରେ ମଧ ମୁଁ କେବଳ ନିନ୍ଦା ଓ ଅପମାନ ପାଇଅଛି । ମୁଁ ନିଶ୍ଚୟ ଏହାର ଯୋଗ୍ୟ ନୁହେଁ ।"**

ଯଦି ଦାଉଦଙ୍କ ସ୍ଥାନରେ ଅନ୍ୟ କେହି ଥାଆନ୍ତା, ତେବେ ସେ ସ୍ୱାଭାବିକ ଭାବରେ ଶିମିୟି ପ୍ରତି ଚିତ୍କାର କରିବା କିମ୍ୱା କଳହ କରିବା ଆରମ୍ଭ କରି ନିଜକୁ ଠିକ୍ ବୋଲି ପ୍ରତିପାଦନ କରିଥା'ନ୍ତା । ପ୍ରକୃତରେ, ଦାଉଦଙ୍କର ଜଣେ ଲୋକ କହିଥିଲା, **"ଏ ମଲା କୁକୁରଟା କାହିଁକି ମୋ' ପ୍ରଭୁ ମହାରାଜାଙ୍କୁ ଶାପ ଦେବ ? ଅନୁମତି ଦିଅନ୍ତୁ, ମୁଁ ପାର ହୋଇ ଯାଇ ତାହାର ମୁଣ୍ଡ କାଟି ପକାଏ"** (୨ ଶାମୁୟେଲ ୧୬:୯) । ମାତ୍ର ଦାଉଦଙ୍କର ପ୍ରତିକ୍ରିୟା ଦେଖନ୍ତୁ । ପୁନର୍ବାର, ଆମେ ଦାଉଦଙ୍କୁ ନିଜର ସମସ୍ୟା ସହିତ ଈଶ୍ୱରଙ୍କ ପ୍ରତି ଆହ୍ୱାନକୁ ସଂଯୁକ୍ତ କରିଥିବାର ଦେଖୁ । ସେ କହିଥିଲେ, **"ସେ ଅଭିଶାପ ଦେଉ, ହୋଇପାରେ, ମୋ' ପ୍ରତି କୃତ ଏ ଅପରାଧ ପ୍ରତି ସଦାପ୍ରଭୁ ଦୃଷ୍ଟିପାତ କରିବେ ଓ ଆଜି ତାହାର ଦତ୍ତ ଶାପ ପରିବର୍ତ୍ତରେ ସଦାପ୍ରଭୁ ମୋହର ମଙ୍ଗଳ କରିବେ"** (୨ ଶାମୁୟେଲ ୧୬:୧୨) । ମୂଳତଃ, ସେ ଏହା ଘୋଷଣା କରିଥିଲେ ଯେ ମୁଁ ଯେଉଁ ଯନ୍ତ୍ରଣା ମଧ ଦେଇ ଯାଉଛି, ସଦାପ୍ରଭୁ ତାହାର କ୍ଷତିପୂରଣ କରିବେ । ୧୧ ପଦରେ, **ଦାଉଦ କହିଥିଲେ ଯେ ସଦାପ୍ରଭୁ ଏହା କରିବା ପାଇଁ ତାକୁ ଅନୁମତି ଦେଇଛନ୍ତି । ଅନ୍ୟ ଭାଷାରେ, ଈଶ୍ୱର ଏହା ଘଟାଇଛନ୍ତି ବୋଲି ସେ କହିଥିଲେ ।** ଆମେ ଏହି ଭରସା ରଖିବା ଆବଶ୍ୟକ : ପ୍ରଭୁ ଅନୁମତି ନ ଦେଲେ କୌଣସି ବିଷୟ ମୋ' ଜୀବନରେ ଘଟିବ ନାହିଁ ଓ ଯଦି ସେ ଏହାକୁ ଅନୁମତି ଦେଇଛନ୍ତି, ତେବେ ଶେଷରେ ଏଥିରେ ଏକ ଆଶୀର୍ବାଦ ରହିବ ।

ପ୍ରିୟ ବନ୍ଧୁଗଣ, ଆମ ପ୍ରଭୁଙ୍କୁ ମଧ ତାଙ୍କର ଯୁଦ୍ଧଗୁଡ଼ିକୁ ମନୋନୀତ କରିବାକୁ ପଡ଼ିଥିଲା । ବାଇବଲରେ ଲେଖାଯାଏ ଯେ ଯେତେବେଳେ ତାଙ୍କୁ ପ୍ରଶ୍ନ କରାଯାଉଥିଲା, ସେତେବେଳେ ସେ ଥରେ ମାତ୍ର କଥା କହିଥିଲେ ଓ ଅନ୍ୟ ସବୁ ସମୟରେ ନୀରବ ରହିଥିଲେ । ସେହିପରି ଆମେ ମଧ ନୀରବ ରହିବା ଓ ଆମ ଯୁଦ୍ଧଗୁଡ଼ିକରେ ଯୁଦ୍ଧ କରିବା ପାଇଁ ଈଶ୍ୱରଙ୍କୁ ଅନୁମତି ଦେବା ଶିକ୍ଷା କରିବା ଆବଶ୍ୟକ । ସଦାପ୍ରଭୁ ଆମର ଯୁଦ୍ଧଗୁଡ଼ିକୁ ମନୋନୀତ କରିବା ଅନୁଗ୍ରହ ଦିଅନ୍ତୁ । ଈଶ୍ୱରଙ୍କୁ ଈଶ୍ୱର ହେବାକୁ ଦିଅନ୍ତୁ ।

*******


## ଜରୁରୀ ବିଷୟ

ଆମେ ଆମର **ନିହିମିୟା ବାଇବଲ କଲେଜଗୁଡ଼ିକ** ପାଇଁ ପ୍ରାୟ ୧୦୦୦ ହିନ୍ଦୀ ଖ୍ରୀଷ୍ଟିଆନ ପୁସ୍ତକ ଆବଶ୍ୟକ କରୁଅଛୁ । ଦୟାକରି ପାରମାର୍ଥିକ ହିନ୍ଦୀ ପୁସ୍ତକଗୁଡ଼ିକୁ ପ୍ରାପ୍ତ ହେବାର ସାମ୍ଭାବ୍ୟ ସ୍ଥାନ ବିଷୟରେ ଆମକୁ ସୂଚନା ଦିଅନ୍ତୁ ।

- Pr. S. Sam Selva Raj, Editor
+91-98412 71858

## ଲାଇବେରୀ ପୁସ୍ତକ ଆବଶ୍ୟକ

ଆମେ ତାମିଲ, ଇଂରାଜୀ ଓ ହିନ୍ଦୀ ପୁସ୍ତକ ସବୁ ଆମର **ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜଗୁଡ଼ିକର ଲାଇବ୍ରେରୀ ପାଇଁ ଆବଶ୍ୟକ କରୁଅଛୁ ।** ଯଦି ଆପଣଙ୍କ ନିକଟରେ ଉତ୍ତମ ଅବସ୍ଥାରେ ନୂଆ କିମ୍ୱା ପୁରୁଣା ପୁସ୍ତକ ଅଛି ଓ ଯଦି ଆପଣ ଦାନ କରିବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମ ସହିତ ଯୋଗାଯୋଗ କରନ୍ତୁ ।

- Pr. S. Sam Selva Raj, Editor
+91-98412 71858

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

***1. Bank : State Bank of India***

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

***2. Bank : ICICI Bank***

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

***3. Bank : State Bank of India***

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th NOVEMBER 2023.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**